# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 03rd April - 2024

### News Editor : *Tapan Kumar Moharana*

**********************************

***Desk***

# ମିଥ୍ ଭର୍ସେସ୍ ରିଅଲିଟି ପ୍ଲାଟ୍‌ଫର୍ମ

ଆଗାମୀ ସାଧାରଣ ନିର୍ବାଚନରେ ମିଥ୍ୟା ପ୍ରଚାରକୁ ରୋକିବା ପାଇଁ ଭାରତର ନିର୍ବାଚନ କମିଶନ 'ମିଥ୍ ଭର୍ସେସ୍ ରିଅଲିଟି ରେଜିଷ୍ଟର' ନାମକ ଏକ ପ୍ଲାଟଫର୍ମ ଆରମ୍ଭ କରିଛନ୍ତି। ଏହା ନିର୍ବାଚନ କମିଶନଙ୍କ ୱେବସାଇଟରେ ଉପଲବ୍ଧ ହେଉଛି। ଏଥିରେ ସୂଚନା ସୁନିଶ୍ଚିତ କରିବା, ଭୁଲ ସୂଚନା ଓ ମିଥ୍ୟା ପ୍ରଚାରକୁ ରୋକିବା ଏବଂ ସାଧାରଣ ନିର୍ବାଚନ ସମୟରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସୂଚନା ମିଳିପାରୁଛି।

***Desk***

# ସରକାରୀ କର୍ମଚାରୀ - ସ୍ୱତନ୍ତ୍ର ଛୁଟି

ଆଗାମୀ ସାଧାରଣ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହେଉଥିବା ସରକାରୀ କର୍ମଚାରୀଙ୍କ ପାଇଁ ରାଜ୍ୟ ସରକାର ଗୋଟିଏ ଦିନ ସ୍ୱତନ୍ତ୍ର ଛୁଟି ମଞ୍ଜୁର କରିଛନ୍ତି। ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ସମସ୍ତ

ବିଭାଗକୁ ପତ୍ର ଲେଖି ଜଣାଇଛନ୍ତି। ପ୍ରଶାସନିକ ସୁବିଧାକୁ ଦୃଷ୍ଟିରେ ରଖି ସମ୍ପୃକ୍ତ କାର୍ଯ୍ୟାଳୟ ମୁଖ୍ୟଙ୍କ ବିଚାର ଓ ନିଷ୍ପତ୍ତି ଆଧାରରେ ଏହି ଛୁଟି ପ୍ରଦାନ କରାଯିବ।

***Desk***

# ଆର୍.ବି.ଆଇ. - ଏମ୍.ପି.ସି. ବୈଠକ

ଭାରତୀୟ ରିଜର୍ଭ ବ୍ୟାଙ୍କ୍‌ର ତିନିଦିନିଆ ମୁଦ୍ରାନୀତି ସମୀକ୍ଷା ବୈଠକ ଆଜିଠାରୁ ମୁମ୍ବାଇରେ ଆରମ୍ଭ ହେଉଛି । ରିଜର୍ଭ ବ୍ୟାଙ୍କ୍ ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ବୈଠକର ଶେଷ ଦିନରେ ମୁଦ୍ରାନୀତିର ସମୀକ୍ଷା କରାଯିବ ।

***Desk***

# ଏକ ଯାନ - ଏକ ଫାସ୍‌ଟ୍ୟାଗ୍

ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ 'ଗୋଟିଏ ଯାନ - ଗୋଟିଏ ଫାସ୍‌ଟ୍ୟାଗ୍' ନୀତି ପ୍ରଚଳନ କରାଯାଇଛି । ଗୋଟିଏ ଫାସ୍‌ଟ୍ୟାଗ୍ ବ୍ୟବହାର କରି ଏକରୁ ଅଧିକ ଗାଡ଼ି ଚଳାଚଳ କରୁଥିବାରୁ ବିଭାଗ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । ରିଜର୍ଭ ବ୍ୟାଙ୍କ୍‌ର ବାଧ୍ୟତାମୂଳକ ନିୟମ ଅନୁଯାୟୀ ଫାସ୍‌ଟ୍ୟାଗ୍‌ର କେ.ୱାଇ.ସି. କରିବା ଲାଗି ପ୍ରାଧିକରଣ ପକ୍ଷରୁ ଗାଡ଼ି ମାଲିକମାନଙ୍କୁ କୁହାଯାଇଛି ।

*Desk*

# ଜେ.ଇ.ଇ. ମେନ୍

ଦେଶରେ ୭ଟି ପର୍ଯ୍ୟାୟରେ ଏପ୍ରିଲ ୧୯ରୁ ଜୁନ ୧ ଯାଏଁ ନିର୍ବାଚନ ହେବ । ନିର୍ବାଚନକୁ ଦୃଷ୍ଟିରେ ରଖି ଏହି ସମୟ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ ପରୀକ୍ଷା ତାରିଖରେ ପରିବର୍ତ୍ତନ କରାଯାଇଛି। ଏହି କ୍ରମରେ JEE Main ଦ୍ୱିତୀୟ ପର୍ଯ୍ୟାୟ ପ୍ରବେଶିକା ପରୀକ୍ଷା ଏପ୍ରିଲ ମାସ ୪ରୁ ୧୫ ତାରିଖ ପରିବର୍ତ୍ତେ ଏପ୍ରିଲ ମାସ ୪ରୁ ୧୨ ତାରିଖ ମଧ୍ୟରେ ହେବ।

UPSC ପ୍ରିଲିମ୍ ପରୀକ୍ଷା ମଇ ମାସ ୨୬ ପରିବର୍ତ୍ତେ ଜୁନ ମାସ ୧୬ ତାରିଖରେ ହେବ।  NEET PG ପରୀକ୍ଷା ମଧ୍ୟ ଆସନ୍ତା ଜୁନ ମାସ ୨୩ ତାରିଖକୁ ଘୁଞ୍ଚାଇ ଦିଆଯାଇଛି ବୋଲି ଏନ୍.ଟି.ଏ. କର୍ତ୍ତୃପକ୍ଷ କହିଛନ୍ତି ।

*Desk*

# ୟୁ.ପି.ଏସ୍.ସି. କୋଚିଂ

ରାଜ୍ୟ ସରକାରଙ୍କର ଶିକ୍ଷା ସମ୍ବନ୍ଧୀୟ ପୋର୍ଟାଲ୍ 'ସାମ୍ସ୍'ର ତଥ୍ୟ ଅନୁସାରେ ୟୁ.ପି.ଏସ୍.ସି. ପକ୍ଷରୁ ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା ପାଇଁ ୬ ହଜାର ୯୭୩ ଜଣ କୋଚିଂ ନେବାକୁ ନାମ ପଞ୍ଜୀକରଣ କରିଛନ୍ତି । ସେମାନଙ୍କ ମଧ୍ୟରୁ ୩ ହଜାର ୭୩୦ ଜଣ ଅନ୍‌ଲାଇନ୍ ଜରିଆରେ ପରୀକ୍ଷା ଫି' ଦାଖଲ କରିଛନ୍ତି । ଆସନ୍ତା ୨୯ ତାରିଖରେ କୋଚିଂ ନେବା ଲାଗି ଚୟନ ପରୀକ୍ଷା ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ସୂଚନାରୁ ଜଣାପଡ଼ିଛି ।

*Desk*

## ସାମ୍ସ୍ ନାମଲେଖା

ରାଜ୍ୟର ୪୯୦ ସରକାରୀ ଏବଂ ବେସରକାରୀ ଆଇ.ଟି.ଆଇ.ଗୁଡ଼ିକରେ ନାମଲେଖା ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି । ଏହିସବୁ ଆଇ.ଟି.ଆଇ.ଗୁଡ଼ିକରେ ୮୩ ହଜାର ୬୭୬ ସିଟ୍‌ରେ ନାମ ଲେଖାଯିବ । ସେହିପରି ଡିପ୍ଲୋମା ପାଠ୍ୟକ୍ରମରେ ନାମଲେଖା ଲାଗି ୧୬୨ଟି କଲେଜ୍‌ର ପ୍ରାୟ ୭୧ ହଜାର ସିଟ୍‌ରେ ନାମ ଲେଖାଲାଗି ଆବେଦନ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି । ଆଗ୍ରହୀ ଛାତ୍ରଛାତ୍ରୀମାନେ 'ସାମ୍ସ୍' ଓଡ଼ିଶା ୱେବ୍‌ସାଇଟ୍‌ରେ ଆବେଦନ କରିବାପାଇଁ କର୍ତ୍ତୃପକ୍ଷ କହିଛନ୍ତି ।

*Desk*

## ପ୍ରଧାନଶିକ୍ଷକ ବୈଠକ

ଚଳିତ ଶିକ୍ଷାବର୍ଷର ପ୍ରଥମ ପ୍ରଧାନ ଶିକ୍ଷକ ବୈଠକ ଆସନ୍ତା ୧୦ ତାରିଖରେ ଅନୁଷ୍ଠିତ ହେବ । ପିଲାମାନଙ୍କୁ ଗୁଣାତ୍ମ ଶିକ୍ଷା ପ୍ରଦାନ କରିବା, ନାମଲେଖା ଏବଂ ପିଲାମାନଙ୍କର ଦକ୍ଷତା ବୃଦ୍ଧି ବିଷୟଗୁଡ଼ିକ ଉପରେ ଆଲୋଚନା ହେବ ବୋଲି ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶଳୟ ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷାଧିକାରୀମାନଙ୍କୁ ଅବଗତ କରାଯାଇଛି ।

***Malkangiri/R***

## ଜିଲ୍ଲାସ୍ତରୀୟ ରେଡ୍‌କ୍ରସ୍ କମିଟି

ମାଲକାନଗିରି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ରେଡକ୍ରସ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସଚିନ୍ ପାୱାରଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ଜରୁରୀ କାଳୀନ ପରିସ୍ଥିତିରେ ଲୋକଙ୍କ ସହାୟତା ପାଇଁ ଜିଲ୍ଲାରେ ରେଡକ୍ରସ ପାଣ୍ଠି ସଂଗ୍ରହ ବୃଦ୍ଧି କରିବାର ଆବଶ୍ୟକତା ସମ୍ପର୍କରେ ଆଲୋଚନା ହୋଇଥିଲା। ଚଳିତ ଆର୍ଥିକ ବର୍ଷରେ ବିଭିନ୍ନ ବିଭାଗ ନିର୍ଦ୍ଧାରିତ ଅର୍ଥ ପଇଠ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

***Desk***

## ମୋବାଇଲ୍ ଗ୍ରାହକ

ରାଜ୍ୟରେ ଗତ ଜାନୁୟାରୀ ମାସରେ ୧ ଲକ୍ଷ ୪୬ ହଜାର ୮୪୩ ଜଣ ନୂଆ ମୋବାଇଲ୍ ଗ୍ରାହକ ଯୋଡ଼ି ହୋଇଛନ୍ତି । ଭାରତୀୟ ଟେଲିକମ୍ ନିୟାମକ - ଟ୍ରାଇ ପକ୍ଷରୁ ଜାରି କରାଯାଇଥିବା ସୂଚନା ଅନୁସାରେ ଓଡ଼ିଶାରେ ଚଳିତ ବର୍ଷ ଜାନୁୟାରୀ ମାସ ଶେଷ ସୁଦ୍ଧା ୩ କୋଟି ୩୪ ଲକ୍ଷ ୧୨ ହଜାର ୪୭୦ ମୋବାଇଲ୍ ଉପଭୋକ୍ତା ଅଛନ୍ତି । ରାଜ୍ୟରେ ହାରାହାରି ପ୍ରତି ୧୦୦ ଜଣଙ୍କ ମଧ୍ୟରୁ ୭୬ ଜଣଙ୍କ ପାଖରେ ମୋବାଇଲ୍ ସଂଯୋଗ ଅଛି ବୋଲି

ଟ୍ରାଇ ପକ୍ଷରୁ କୁହାଯାଇଛି । ସୂଚନା ଅନୁସାରେ, ଜାତୀୟ ସ୍ତରରେ ମୋବାଇଲ୍ ବ୍ୟବହାର ୮୫ ପ୍ରତିଶତରୁ ଅଧିକ ରହିଛି ।

***Desk***

# ପାଣିପାଗ

ରାଜ୍ୟରେ ଆସନ୍ତା କିଛିଦିନ ଧରି ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ଭୁବନେଶ୍ୱରସ୍ଥିତ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଆସନ୍ତା ୬ ତାରିଖ ସୁଦ୍ଧା ତାପମାତ୍ରା ୨ରୁ ୩ ଡିଗ୍ରୀ ବୃଦ୍ଧି ପାଇବ ଏବଂ ଅଧିକାଂଶ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ରହିବ ବୋଲି ଅନୁମାନ କରାଯାଇଛି । ଆଜି ବାଲେଶ୍ୱର, ଭଦ୍ରକ, ଯାଜପୁର, ଢେଙ୍କାନାଳ, ମୟୂରଭଞ୍ଜ, କେନ୍ଦୁଝର ଜିଲ୍ଲାରେ ତାପମାତ୍ରା ବଢ଼ିବା ନେଇ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

ରାଜ୍ୟର ୪ଟି ଜିଲ୍ଲାର ୭ଟି ସହରରେ ତାପମାତ୍ରା ୪୧ ଡିଗ୍ରୀରୁ ଅଧିକ ରେକର୍ଡ କରାଯାଇଥିଲା । ମାଲକାନଗିରିରେ ସର୍ବାଧିକ ୪୧.୭ ଡିଗ୍ରୀ ସେଲ୍‌ସିୟସ୍ ରହିଥିଲା । ପାଣିପାଗ ବିଭାଗର ସୂଚନା ଅନୁସାରେ ଆସନ୍ତାକାଲିଠାରୁ ୧୦ଟି ଜିଲ୍ଲାରେ ଅଧିକ ଗରମ ଏବଂ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଗୁଳୁଗୁଳି ଅନୁଭୂତ ହେବ ।

*****